# କନ୍ଧମାଳରେ ପ୍ଲାଷ୍ଟିକ୍ ମଲ୍ଚ୍ ଆଧାରିତ ଷ୍ଟ୍ରବେରି ଚାଷ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ

କନ୍ଧମାଳ ଜିଲ୍ଲାର ଟିକାବାଲି ବ୍ଲକ୍ ଅନ୍ତର୍ଗତ ପେନାଲ ଗ୍ରାମର ସଲାମ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ୨୦୨୩-୨୪ ବର୍ଷରେ ପ୍ଲାଷ୍ଟିକ୍ ପଲିଥିନକୁ ଛାଦିକରଣ ଭାବେ ବ୍ୟବହାର କରି ବୈଜ୍ଞାନିକ ପଦ୍ଧତିରେ ଷ୍ଟ୍ରବେରି ଚାଷ ଆରମ୍ଭ କରି ନିଜ ଜୀବିକାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛନ୍ତି।

ତାଙ୍କର ଏହି ଯାତ୍ରା କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ଦ୍ୱାରା ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମ ଓ ଅଭିଜ୍ଞତା ଭ୍ରମଣରୁ ପ୍ରେରଣା ପାଇ ଆରମ୍ଭ ହୋଇଥିଲା। ଷ୍ଟ୍ରବେରି ଚାଷର ଉଚ୍ଚ ଲାଭକାରୀତା ଓ ବଜାର ଚାହିଦା ଦେଖି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଫସଲକୁ ଛୋଟ ପରିମାଣରେ ଚାଷ କରିବାକୁ ସିଦ୍ଧାନ୍ତ ନେଇଥିଲେ।

ପ୍ଲାଷ୍ଟିକ୍ ମଲ୍ଚ୍ ବ୍ୟବହାର ଦ୍ୱାରା ମାଟିର ଆର୍ଦ୍ରତା ରକ୍ଷା, ଘାସ ନିୟନ୍ତ୍ରଣ, ମାଟିର ଉପଯୁକ୍ତ ତାପମାତ୍ରା ଧାରଣ ଓ ଫଳକୁ ମାଟି ସହ ସିଧାସଳଖ ସଂସ୍ପର୍ଶରୁ ସୁରକ୍ଷା କରିଥାଏ, ଯାହା ଫଳରେ ଏଥିରୁ ଶ୍ରମ ଓ ସିଞ୍ଚାଇ ଖର୍ଚ୍ଚ କମିବା ସହ ଉତ୍ତମ ଗୁଣମାନର, ସଫା ଓ ବଡ଼ ଆକାରର ଫଳ ଆଦାୟ ହୋଇଥାଏ ।

ଉଦ୍ୟାନଚାଷ ସମନ୍ୱିତ ବିକାଶ ମିଶନ (MIDH) ଅଧୀନରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଉନ୍ନତମାନର ଚାରା, ପ୍ରାୟୋଗିକ ପ୍ରଶିକ୍ଷଣ, ପ୍ରାଯୁକ୍ତିକ ମାର୍ଗଦର୍ଶନ ଓ ନିୟମିତ କ୍ଷେତ୍ର ପର୍ଯ୍ୟବେକ୍ଷଣ ପ୍ରଦାନ କରାଯାଇଥିଲା। ଏହି ବୈଜ୍ଞାନିକ ସହଯୋଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଆତ୍ମବିଶ୍ୱାସ ସହ ଚାଷ ପରିଚାଳନା କରିବାରେ ସହାୟକ ହୋଇପାରିଥିଲା ।

ପ୍ରଥମେ ୦.୨୦ ହେକ୍ଟର ଜମିରେ ଷ୍ଟ୍ରବେରି ଚାଷ କରି ସେମାନେ ହେକ୍ଟର ପ୍ରତି ପ୍ରାୟ ୭.୦ କ୍ୱିଣ୍ଟାଲ ଷ୍ଟ୍ରବେରି ଉତ୍ପାଦନ କରିପାରିଥିଲେ। ଫଳଗୁଡ଼ିକୁ ପଲି ପ୍ୟାକ୍‌ରେ ପ୍ୟାକିଂ କରି "କନ୍ଧମାଳ ଷ୍ଟ୍ରବେରି" ନାମରେ ୨୦୦ ଗ୍ରାମ ପ୍ୟାକେଟକୁ ୧୦୦ ଟଙ୍କା ଦରରେ ସ୍ଥାନୀୟ ବଜାରରେ ବିକ୍ରି କରି ଭଲ ଆୟ ପାଇଥିଲେ । ହେକ୍ଟର ପ୍ରତି ପ୍ରାୟ ୮୫,୦୦୦ ଟଙ୍କା ଖର୍ଚ୍ଚ କରି ମୋଟ ୨,୧୦,୦୦୦ ଟଙ୍କା ଆୟ କରିପାରିଥିଲେ ।

ଏହି ସଫଳତାରୁ ପ୍ରେରିତ ହୋଇ ବର୍ତ୍ତମାନ ଏହି କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡ଼ି, ଖଜୁରୀପଡା, ଟିକାବାଲି, ଫୁଲବାଣୀ, ଘୁ. ଉଦୟଗିରି ଆଦି ବ୍ଲକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ବହୁଳ ମାତ୍ରାରେ ଚାଷ କରାଯାଉଛି ଓ ବହୁତ ଲାଭ ପାଇ ନିଜର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିପାରିଛନ୍ତି । ଏହି କାହାଣୀ ପ୍ରମାଣ କରେ ଯେ ପ୍ରଯୁକ୍ତି, ସଂସ୍ଥାଗତ ସହଯୋଗ ଓ ମହିଳାଙ୍କ ସାମୂହିକ ପ୍ରୟାସ ଦ୍ୱାରା ଗ୍ରାମୀଣ ଆର୍ଥିକ ସଶକ୍ତିକରଣ ସମ୍ଭବ ହୋଇପାରିବ।










